# Akashvani, Sambalpur

## SAMBALPURI NEWS EVENING BULLETIN

**16 June 2024- 7.02 pm- 7.12 pm.**

*******************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ମଙ୍ଗଲ୍‌ବାର୍ ଦିନ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ୧୭ ନମ୍ବର୍ କିସ୍ତି ଦେବେ ।

୨- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ମନ୍ କି ବାତ୍‌ର ଶହେ ୧୧ ନମ୍ବର୍ ସଂସ୍କରଣ୍ ଆଏବା ୩୦ ତାରିଖ୍ ଦିନ ହେବା ପ୍ରସାରଣ୍ ।

୩- ଦେଶେ ଆଏବା ଜୁଲାଇ ୧ ତାରିଖ୍‌ନୁ ଲାଗୁ ହେବା ଭାରତୀୟ ନ୍ୟାୟ ସଂହିତା, ନାଗରିକ ସୁରକ୍ଷା ସଂହିତା ଆର୍ ଭାରତୀୟ ସାକ୍ଷ୍ୟ ଅଧିନିୟମ୍ - ୨୦୨୩ ।

୪- ସମ୍ବଲ୍‌ପୁର୍‌ର ସାମଗ୍ରୀକ ବିକାଶ୍ ଲାଗି ମାଷ୍ଟର୍ ପ୍ଲାନ୍ ତିଆର୍ କର୍‌ବାର୍‌କେ ଜିଲ୍ଲାପ୍ରଶାସନ୍‌କେ ପରାମର୍ଶ ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

ଆଉର୍

୫- ସାରା ରାଏଜେ ଉସ୍‌ନାକିଥି ପାଲିତ୍ ହେଉଛେ ରଜ ପର୍ବ ।

ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍ନା           ପି.ଆଇ.ବି.

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୮ ତାରିଖ୍ ମଙ୍ଗଲ୍ବାର୍ ଦିନ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍ନାର ହିତାଧିକାରୀମାନ୍କୁ ୧୭ ନମ୍ବର୍ କିସ୍ତି ଦେବେ। ଉତର୍ପ୍ରଦେଶ୍ର ବାରାଣାସୀ ଠାନେ ହେବାର୍କେ ଥିବା ଗୁଟେ ସ୍ୱତନ୍ତ୍ର ସମାରୋହଥି ଶ୍ରୀ ମୋଦୀ ଡିବିଟି ଜରିଏ ୯ କୋଟି ୨୬ ଲାଖ୍ ନୁ ଅଏତ୍କା ହିତାଧିକାରୀମାନ୍କର୍ ଏକାଉଂଟ୍କେ ପାଖାପାଖି ୨୦ ହଜାର୍ କୋଟି ଟଙ୍କା ଦେବେ। ଇ ବାବ୍ଦେ କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ଆର୍ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍ନା ଦେଇଛନ୍। ସେ କହିଛନ୍ ଯେ, ୨୦୧୯ ମସିହା ଫେବୃଆରୀ ୨୪ ତାରିଖ୍ ଦିନ କିଷାନ୍ ସମ୍ମାନ୍ ନିଧି ଯୋଜ୍ନା ମୁଲ୍ ହେଇଥିଲା। ସବୁପ୍ରକାର୍ ଚାଷୀଙ୍କୁ ଆର୍ଥିକ୍ ସାହାଜ୍ ଦେବାର୍ ଇ ଯୋଜ୍ନାର୍ ମୁଲ୍ ଲକ୍ଷ୍ୟ ଆଏ। ଇ ଯୋଜ୍ନାଥି ୩ ଟା ଖେପେ ଚାଷୀମାନ୍କୁ ବଛର୍କ ୬ ହଜାର୍ ଟଙ୍କା ଦିଆଯାଉଛେ। ଏବତକ୍ ୧୧ କୋଟିନୁ ଅଏତ୍କା ଚାଷୀଙ୍କୁ ୩ ଲାଖ୍ କୋଟିନୁ ଅଏତ୍କା ଟଙ୍କା ଦିଆଯାଇଛେ ବଲି ଶ୍ରୀ ଚୌହାନ୍ କହିଛନ୍। ସେ ଆହୁରି କହିଛନ୍ ଯେ, ବାରାଣାସୀ ନ ହେବାର୍କେ ଥିବା ସମାରୋହଥି ଦେଶର୍ ୩୦ ହଜାର୍ନୁ ଅଏତ୍କା ସ୍ୱୟଂସହାୟକ ଗୋଷ୍ଠୀର୍ ସଦସ୍ୟମାନ୍କୁ କୃଷି ସଖୀ ଭାବେ ପ୍ରମାଣ୍ପତ୍ର ଦିଆଯିବା।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୮ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ନୂଆଁ ଫୌଜଦାରୀ ଆଇନ୍ ଆର୍ଏନ୍ୟୁ/ କଟକ୍

ଫୌଜଦାରୀ ନ୍ୟାୟ ବ୍ୟବସ୍ଥାଥି ସଂସ୍କାର୍ ଆନ୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ୩ ଟା ନୂଆଁ ଆଇନ୍ ଆନିଛନ୍ । ରାଷ୍ଟ୍ରପତିଙ୍କର୍ ଅନୁମୋଦନ୍ ଉତ୍‌ରୁ ଗଲା ଡିସେମ୍ବର୍ ୨୫ ତାରିଖ୍ ଦିନ ଇ ନୂଆଁ ଆଇନ୍ ଭାରତ୍ ସର୍‌କାର୍‌ଙ୍କର୍ ରାଜପତ୍ରଥି ପ୍ରକାଶ୍ ପାଇଛେ । ଆଏବା ମାସର୍ ପହେଲାନୁ ଦେଶେ ଇ ୩ ନୂଆଁ ଆଇନ୍ ଲାଗୁ ହେବା । ୧୮୬୦ ମସିହାନୁ ଚାଲି ଆସୁଥିବାର୍ ଭାରତୀୟ ଦଣ୍ଡ ବିଧାନ୍ ଆଇନ୍-ଆଇପିସି, ଅପରାଧୀକ ଦଣ୍ଡ ସଂହିତା- ସିଆର୍‌ପିସି- ୧୯୭୩ ଆର୍ ଭାରତୀୟ ପ୍ରମାଣ୍ ଆଇନ୍ -୧୮୭୨ କେ ବଦ୍‌ଲାଯାଇଛେ । ଇ ଆଇନ୍ ମାନ୍‌କର୍ ଜାଗାଥି ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଆଉ ଭାରତୀୟ ସାକ୍ଷ୍ୟ ଅଧିନିୟମ୍- ୨୦୨୩- ବିଏସ୍‌ଏ ଲାଗୁ ହେବା । ହେଲେ ନୂଆଁ ଆଇନ୍ ଆଉ ପୁର୍‌ନା ଆଇନ୍ ଭିତ୍‌ରେ ଅନେକ ଫରକ ରହିଛେ । ପୁର୍‌ନା ଆଇନ୍‌ର ନିୟମ୍‌ଥି ଅପରାଧ୍‌କେ ଜୋର୍ ଦିଆଯାଉଥିଲା । ହେଲେ ନୂଆଁ ଆଇନ୍ ବ୍ୟବସ୍ଥାଥି ନ୍ୟାୟ ଉପ୍‌ରେ ଅଏତ୍‌କା ଜୋର୍ ଦିଆଯାଇଛେ । ମାନବାଧିକାର୍ ଆଉ ତଦନ୍ତଥି ଯେନ୍ତା ଆଧୁନିକ୍ ଜ୍ଞାନ୍ କୌଶଲ୍ ବେଭାର୍ କରାଯିବା, ଦର୍‌କାରୀ ସମିଆଥି ଯେନ୍ତା ଅଏତ୍‌କା ଶକ୍ତି ବିନିଯୋଗ୍ କରାଯିବା ନୂଆଁ ଆଇନ୍‌ଥି ସେସବୁର ବ୍ୟବସ୍ଥା ରହିଛେ ।

ସ୍କୁଲ୍- ମଧ୍ୟାହ୍ନ ଭୋଜନ ଆର୍‌ଏନ୍‌ୟୁ / ସମ୍ବଲପୁର

ଖରାଛୁଟି ଉତ୍ରୁ ଆଏବା ମଙ୍ଗଲ୍ବାର୍ ଦିନ ରାଏଜେ ସ୍କୁଲ୍ ଖୁଲ୍ବା । ସ୍କୁଲ୍ ଖୁଲ୍ବାର୍ ପହେଲା ଦିନୁ ଛାତ୍ରଛାତ୍ରୀମାନ୍କୁ ମଧ୍ୟାହ୍ନ ଭୋଜନ୍ ଦିଆଯିବା । ୧ ନୁ ୮ କ୍ଲାସ୍ତକ୍ ଛାତ୍ରଛାତ୍ରୀମାନ୍କୁ ମଧ୍ୟାହ୍ନ ଭୋଜନ୍ ଦେବାର୍ ଲାଗି ପଦକ୍ଷେପ୍ ନେବାର୍କେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍କୁ ପିଏମ୍ ପୋଷଣ୍ର ରାଜ୍ୟ ନୋଡ଼ାଲ୍ ଅଧିକାରୀ ନିର୍ଦ୍ଦେଶ୍ ଦେଇଛନ୍ । ସ୍କୁଲ୍ ନ ଛାତ୍ରଛାତ୍ରୀମାନେ ଯେନ୍ତା ସେମାନ୍କର୍ ଅଧିକାର୍ନୁ ବଂଚିତ୍ ନାଇଁ ହୁଅନ୍ ସେତାର୍ ଉପ୍ରେ ନଜର୍ ରଖିବାର୍ ଲାଗି ସ୍କୁଲ୍ ମାନ୍କୁ କୁହାଯାଇଛେ । ସ୍କୁଲ୍ ଖୁଲ୍ବାର୍ ଆଗ୍ରୁ ମଧ୍ୟାହ୍ନ ଭୋଜନ୍ ଲାଗି ଅଗ୍ଲିଥିବାର୍ ଖାଏବାର୍ ଦରବ୍ ଯାଂଚ୍ କର୍ବାର୍ ଲାଗି ଫି' ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ କୁହାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ପ୍ରାଥମିକ, ଉଚ୍ଚ ପ୍ରାଥମିକ ଶ୍ରେଣୀର୍ ଛାତ୍ରଛାତ୍ରୀମାନ୍କୁ ପିଏମ୍ପୋଷଣ୍ କାର୍ଯ୍ୟକ୍ରମ୍ଥି ମଧ୍ୟାହ୍ନ ଭୋଜନ୍ ଯୁଗେଇ ଦିଆଯାଉଛେ ।

ପୁରୀ ଶ୍ରୀମନ୍ଦିର୍ କାଠ-ବୌଦ୍ଧ        ବୌଦ୍ଧ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ର ରଥଯାତ୍ରାର୍ ରଥ ତିଆର୍ବାର୍ ଲାଗି ବୌଦ୍ଧ ଜିଲ୍ଲା ମନମୁଣ୍ଡା ଜଙ୍ଗଲ୍ ରେଞ୍ଜ୍ନୁ ୨୪ ଖଁଡ୍ କାଠ୍ ପଠାଯାଇଛେ । ଶ୍ରୀମନ୍ଦିର୍ନୁ ଆଜ୍ଞାମାଲ୍ ଆସ୍ବାର୍ ଉତ୍ରୁ

ଗୁନ୍ଦୁଲିଆ, ଶଗଡ଼ିଆ, ମନମୁଣ୍ଡା ସେକ୍ସନ୍‌ନୁ ମଇ, ଶେମେଲ୍ କାଠ୍ ପୂଜା କରାଯାଇକରି ସଂଗ୍ରହ କରାଯାଇଥିଲା। ବୌଦ୍ଧ ଜଙ୍ଗଲ୍ ଡିଭିଜନ୍‌ନୁ ରଥ ତିଆର୍‌ବାର୍ ଲାଗି ପୁରୀକେ ୨ ଶହ ୪୧ ଖଁଡ଼୍ କାଠ୍ ପଠାଯିବା।

## ଧର୍ମେନ୍ଦ୍ର ପ୍ରଧାନ୍- ଜିଲ୍ଲା ପ୍ରଶାସନ୍ ବୈଠକ୍

ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ରାସ୍ତା, ପିଇବାର୍ ପାଏନ୍, ସ୍ୱାସ୍ଥ୍ୟ, ପରିମଲ୍ ବ୍ୟବସ୍ଥାକେ ଉନ୍ନତ୍ କର୍‌ବାର୍ ଲାଗି ଦୀର୍ଘମିଆଦୀ ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ୍ କର୍‌ବାର୍‌କେ ଜିଲ୍ଲା ପ୍ରଶାସନ୍‌କେ ପରାମର୍ଶ ଦିଆଯାଇଛେ ବଲି ସମ୍ବଲ୍‌ପୁର୍ ସାଂସଦ୍ ଆଉ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍। ଆଏଜ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସେ କହିଛନ୍ ଯେ, ମୌଲିକ୍ ସମସ୍ୟା ଆଉ ଲୁକ୍‌କର୍ ଆକାଂକ୍ଷା ବାବ୍‌ଦର୍ କାମ୍‌କେ ଅନୁପାଲନ୍ କରାଯିବା। ସର୍‌କାର୍ ଗଠନ୍‌ର କମ୍ ସମିଆ ଭିତ୍‌ରେ ବିଜେପି ତର୍‌ଫୁ ଦିଆଯାଇଥିବା ପ୍ରତିଶ୍ରୁତି ପାଲନ୍ କର୍‌ବାର୍ ଲାଗି ନୀତିଗତ ନିଷ୍ପତି ନିଆଯାଇଛେ। ସିନ୍ଦୁର୍‌ପଙ୍କ୍‌ନୁ ନକ୍ସାପାଲି ଜାତୀୟ ରାଜପଥ ସ୍ୱାଭାବିକ୍ ହେଇଛେ। ପଡ଼ିଆବାହାଲ୍‌ନୁ ଗୋଶାଲାତକ୍ ୧୮ କିଲୋମିଟର୍ ଜାତୀୟ ରାଜପଥ ସମ୍ବଲ୍‌ପୁର୍‌ର ମୁଖଶାଳା

ହେବା । ସର୍ଲା ଓଭର୍ବ୍ରିଜ୍ଠାନୁ ଆଗ୍କେ ରାସ୍ତାକେ ୬ ଲେନ୍ କରାଯିବାର୍ କାମ୍ ମୁଲ୍ ହେଇଛେ ବଲି ସେ କହିଛନ୍ ।

ଧର୍ମେନ୍ଦ୍ର ପ୍ରଧାନ୍- ନିଟ୍ ପରୀକ୍ଷା ସମ୍ବଲ୍ପୁର୍ ସମ୍ବାଦଦାତା

ନିଟ୍ ପରୀକ୍ଷା ସମିଆଥି କେତେଟା କେନ୍ଦ୍ର ନ ଅବ୍ୟବସ୍ଥା ବାବ୍ଦେ ଖବର୍ ଆସିଥିଲା । ହେଲେ ମେଧାବୀ ଛାତ୍ରଛାତ୍ରୀମାନ୍କର୍ କେନ୍ସି ସ୍ୱାର୍ଥ ଉପ୍ରେ ଆଂଚ୍ ଆସ୍ବାର୍କେ ନାଇଁ ଦିଆଯାଏ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସମ୍ବଲ୍ପୁର୍ ଠାନେ ଫଟିକ୍ କରିଛନ୍ । ନିଟ୍ ପରୀକ୍ଷାକେ ଅବ୍ୟବସ୍ଥିତ୍ କର୍ବାର୍ଥି ଯିଏ ଭିଲ୍ ସାମିଲ୍ ଥିବା ତାଙ୍କର୍ ଉପ୍ରେ କଠୋର୍ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ସେ କହିଛନ୍ ।

ପିତୃ ଦିବସ୍ ଆର୍ଏନ୍ୟୁ / ସମ୍ବଲପୁର

ଆଏଜ୍ ପିତୃ ଦିବସ୍ । 'ପିତୃ ଧର୍ମଃ ପିତା ସ୍ୱର୍ଗଃ ପିତା ହିଁ ପରମଂ ତପଃ, ପତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ' । ଆମର୍ ଭାରତୀୟ ସଂସ୍କୃତିଥି ପରିବାର୍ ନ ପିତାଙ୍କୁ ସବୁଠାନୁ ଉଚ୍ଚ ଆସନ୍ ଦିଆଯାଇଛେ । ବାପା ମାନ୍କୁ ସମ୍ମାନ୍ ଜନେଇକରି ଫି ବଛର୍ ଜୁନ୍ ମାସର୍ ୩ ନମ୍ବର୍ ରଏବାର୍କେ

ପିତୃଦିବସ୍ ଭାବେ ପାଲନ୍ କରାଯାଏସି । ମା ପୃଥିବୀ ହେଲେ ପିତା ହେଉଛନ୍ ଆକାଶ୍ । ଝନେ ଛୁଆ ହିଁ ତାର୍ ବାପାକେ ଆଦର୍ଶ ଭାବେ ଦେଖିଥିସି । ବାପା ହିଁ ଛୁଆ ଲାଗି ଝନେ ସୁପର୍ ହିରୋର ଉଦାହରଣ୍ ହେସନ୍ ।

ପିତୃଦିବସ୍- ବର୍ଗଡ଼୍ ବର୍ଗଡ଼୍ ସମ୍ବାଦଦାତା

ବର୍ଗଡ଼୍ର ଭଟ୍ଲି ଛକ୍ଠାନେ ବିଶ୍ୱ ପିତୃଦିବସ୍ ପାଲନ୍ କରାଯାଇଛେ । ଇ ଅବ୍ସରେ ଡାକ୍ତର୍ ଇପ୍ସିତା ଦେବ୍ତାଙ୍କର୍ ସଂଯୋଜନାଥି ଗୁଟେ ସଭା ନ ବିଶେଷଜ୍ଞ ଶକ୍ତି ତ୍ରିପାଠୀ, କବି ଦିବ୍ୟକିଶୋର୍ ଦେବ୍ତା ଆଉ ଅଲ୍ଗା ସିଆନ୍ ସୁଜନ୍ମାନେ ଠିକ୍ଠାକ୍ ଜୀବନ୍ଶୈଲୀ ଆଉ ପ୍ରଦୂଷଣ୍ମୁକ୍ତ ଖାଏବାର୍ ଦରବ୍ ଗ୍ରହଣ୍ କରାଯିବାର୍ ଉପ୍ରେ ଜୋର୍ ଦେଇଥିଲେ । ପଛେ ସଂଗୀତ କାର୍ଯ୍ୟକ୍ରମ୍ କରାଯାଇଥିଲା ।

ସ୍ୱାସ୍ଥ୍ୟମନ୍ତ୍ରୀ - ବୌଦ୍ଧ ଗସ୍ତ ବୌଦ୍ଧ ସମ୍ବାଦଦାତା

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ଆଉ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର ମୁକେଶ୍ ମହାଲିଙ୍ଗ୍ ଆଏଜ୍ ବୌଦ୍ଧ ଜିଲ୍ଲା ଗସ୍ତଥି ଆସିଥିଲେ । ସାର୍କିଟ୍ ହାଉସ୍ ଠାନେ ଜିଲ୍ଲା ଭାରତୀୟ

ଜନତା ପାର୍ଟିର ସଭାପତି ବିପ୍ରଚରଣ୍ ମହାନ୍ତି ଆଉ ଅଲ୍‌ଗା ପ୍ରତିନିଧି ମାନେ ତାଙ୍କୁ ସାକ୍ଷାତ୍ କରିକରି ଜିଲ୍ଲାର୍ ବିକାଶ୍ ଆଉ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ଆଲୋଚନା କରିଥିଲେ ।

ରଜ ପର୍ବ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ କୃଷିଭିତିକ ରଜପର୍ବର ୩ ନମ୍ବର୍ ଦିନ୍‌କେ ଆଏଜ୍ ଭିଲ୍ ଆନନ୍ଦ ଆଉ ଉସ୍‌ନାକି ସହେତେ ପାଳନ୍ କରାଯାଉଛେ । ଆଏବାକାଏଲ୍ ବସୁମତୀ ସ୍ନାନ ପାଳନ୍ ସହେତେ ରଜ ପର୍ବ ଶେଷ୍ ହେବା । ପର୍ବର୍ ଲାଗି ଗାଁ ନୁ ସହର୍‌ତକ୍ ଭିନ୍ ଭିନ୍ ଜାଗା ନ ପ୍ରତିଯୋଗିତା ମାନ୍ ଅନୁଷ୍ଠିତ୍ ହେଉଛେ । ଇତାର୍‌ସହେତେ ଠାନେ ଠାନେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ଚାଲିଛେ ।

ରେଲ୍ ଓଭର୍ ହୋଲିଂ-ସମ୍ବଲପୁର ସମ୍ବଲପୁର ସମ୍ବାଦଦାତା

ରେଲ୍‌ବାଇ ତର୍‌ଫୁ ସମ୍ବଲ୍‌ପୁର୍‌ର ସର୍‌ଲା ଷ୍ଟେସନ୍ ଠାନେ ରୁଟିନ୍ ଓଭର୍ ହୋଲିଂ, ମାଲ୍‌ବାହୀ ଟ୍ରେନ୍ ରକ୍ଷଣାବେକ୍ଷଣ୍ ସୁବିଧା ଆଉ ରେଲ୍‌ବାଇ ୟାର୍ଡ ବିକଶିତ୍ କରାଯାଇଛେ । ଇଠାନେ ଗଲା କାଏଲ୍‌ତକ୍ ୫ ଦିନ୍ ଧରିକରି ଭିନ୍ ଭିନ୍ ସୁବିଧାର

ପରୀକ୍ଷା କରାଯାଇଥିଲା । ଓଭର୍‌ହୋଲିଂ ୟୁନିଟ୍ ଆଉ ୟାର୍ଡ୍ ନବୀକରଣ୍ ଉତ୍‌ରୁ ପୂର୍ବତଟ ରେଲ୍‌ବାଇ ଇଲାକା ନ ମାଲ୍ ପରିବହନ୍ କ୍ଷମତା ବଢ଼ିପାର୍‌ବା ବଲି କୁହାଯାଇଛେ । ଇ ପ୍ରକଳ୍ପ ଲାଗି ରେଲ୍‌ବାଇ ତର୍‌ଫୁ ଶହେ ୪୯ କୋଟି ୩୭ ଲାଖ୍ ଟଙ୍କା ମଞ୍ଜୁର୍ କରାଯାଇଥିଲା ।

ରେଲ୍ ଷ୍ଟେସନ୍ ଆୟ                ଆର୍‌ଏନ୍‌ୟୁ / ସମ୍ବଲପୁର

ପୂର୍ବତଟ ରେଲ୍‌ବାଇର୍ ସବୁଠାନୁ ଆୟ କରୁଥିବା ୨୦ ଟା ରେଲ୍‌ଷ୍ଟେସନ୍ ଭିତ୍‌ରେ ଭୁବ୍‌ନେଶ୍ୱର୍ ୨ ନମ୍ବର୍ ଠାନ୍‌ଥି ରହିଛେ । ଗଲା ଆର୍ଥିକ୍ ବଛ୍‌ରେ ଭୁବ୍‌ନେଶ୍ୱର୍ ଷ୍ଟେସନ୍ ନ ୪ ଶହ ୯୩ କୋଟି ୧ ଲାଖ୍ ୩୨ ହଜାର୍ ୪ ଶହ ୪୩ ଟଙ୍କା ରୋଜ୍‌ଗାର୍ ହେଇଥିଲା । ଆୟଥି ପୂର୍ବତଟ ରେଲ୍‌ବାଇର୍ ଷ୍ଟେସନ୍ ମାନ୍‌କର୍ ଭିତ୍‌ରେ ପୁରୀ ୩ ନମ୍ବର୍, ବ୍ରହ୍ମପୁର୍ ୪ ନମ୍ବର୍ ଆଉ କଟକ୍ ରେଲ୍‌ଷ୍ଟେସନ୍ ୫ ନମ୍ବର୍ ଠାନ୍‌ଥି ରହିଛେ । ହେନ୍ତା ସମ୍ବଲ୍‌ପୁର୍ ୮, ଭଦ୍ରକ୍ ୯ ନମ୍ବର୍ ବଡ଼ ରୋଜଗାରିଆ ରେଲ୍‌ଷ୍ଟେସନ୍ ମାନ୍ୟତା ପାଇଛେ ।

ମନ୍ କି ବାତ୍            ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୮ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ସଂସଦ୍ ସ୍ୱତନ୍ତ୍ର ଅଧିବେଶନ୍ ଆର୍‌ଏନ୍‌ୟୁ/ କଟକ୍

ନିର୍ବାଚନ୍ ଉତ୍‌ରୁ ସଂସଦ୍‌ର ସ୍ୱତନ୍ତ୍ର ଅଧିବେଶନ୍ ଆଏବା ୨୪ ତାରିଖ୍ ଦିନ ମୁଲ୍ ହେଇକରି ଜୁଲାଇ ମାସ ୩ ତାରିଖ୍ ଦିନ

ଶେଷ୍ ହେବା । ଇ ୮ ଦିନିଆ ସ୍ୱତନ୍ତ୍ର ଅଧିବେଶନ୍ ସମିଆଥି ଜୁନ୍ ୨୬ ଥି ବାଚସ୍ପତି ନିର୍ବାଚନ୍ ସହେତେ ନୂଆଁ ନିର୍ବାଚିତ ସାଂସଦ୍‌ମାନେ ଶପଥ୍ ନେବେ । ସେଆଡ଼େ ଆଏବା ଜୁଲାଇ ୨୨ ତାରିଖିନୁ ସଂସଦ୍‌ର ମୌସୁମୀ ଅଧିବେଶନ୍ ମୁଲ୍ ହେବା । ସୂଚ୍‌ନା ଅନ୍‌ସାରେ ମୌସୁମୀ ଅଧିବେଶନ୍ ଅଗଷ୍ଟ ୯ ତାରିଖିତକ୍ ଚାଲ୍‌ବା । ଇ ଅଧିବେଶନ୍ ସମିଆଥି ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ୍ କରାଯିବା । ଇଥିର୍‌ଲାଗି ଅର୍ଥମନ୍ତ୍ରଣାଳୟ ଜୁନ୍ ୧୭ ତାରିଖିତକ୍ ଭିନ୍ ଭିନ୍ ମନ୍ତ୍ରଣାଳୟ ଆଉ ଅଲ୍‌ଗା ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ବିଚାର୍‌ବିମର୍ଶ କର୍‌ବେ ବଲି ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଗଲାକାଏଲ୍‌ତକ୍ ଜବର୍ ତାତି ଜାରି ରହିଥିବାର୍ ବେଲେ ଡେରିରାତିନୁ ଧୁକାଧନ୍ଦି ଆର୍ ବିଜ୍‌ଲି ସହେତେ ବର୍ଷା ହେବାର୍‌ନୁ ଆଏଜ୍ ପାଗ୍ ଟିକେ ବଦ୍‌ଲିଛେ । ହେଲେ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, ବଲାଙ୍ଗିର୍, ସୋନ୍‌ପୁର୍, ବୌଦ୍ଧ ଆର୍ ନୂଆପଡ଼ା ନ ଆଏଜ୍ ମଏଧମ୍ ଧରଣ୍‌ର ଖରା ସହେତେ ଗୁଲ୍‌ଗୁଲି ହେଇଥିଲା ।

ରାଜ୍ୟର୍ ୬ ଟା ଜାଗା ନ ଆଏଜ୍ ତାତି ୪୦ ଡିଗ୍ରୀ ଉପ୍ରେ ରହିଥିଲା । ରାଜ୍ୟର୍ ସବୁନୁ ଜହ ତାତି ନୂଆପଡ଼ା ନ ୪୩ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼୍ କରାଯାଇଛେ । ଆଏବା କାଏଲ୍ନୁ ରାଜ୍ୟର୍ ବହୁତ୍ଟେ ଜାଗାନୁ ଜବର୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ତର୍ଫୁ ଅନୁମାନ୍ କରାଯାଇଛେ ।